# ତପସ୍ୱିନୀ

## ଗଙ୍ଗାଧର ମେହେର

### ଚତୁର୍ଥ ସର୍ଗ

(ରାଗ - ଚୋକ୍ଷି )

09 August 2009

(Last updated: ୨୭ ଫେବ୍ରୁୟାରି ୨୦୧୦)

http://www.iopb.res.in/~somen/GMeher

ମଙ୍ଗଳେ ଅଇଲା ଉଷା    ବିକଚ ରାଜୀବ ଦୃଶା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର-    ମୁକ୍ତା ଧରି ଉପହାର
ସତୀଙ୍କ ବାସ-ବାହାର ପ୍ରାଙ୍ଗଣେ ରହି,
କଳକଣ୍ଠ-କଣ୍ଠେ କହିଲା,
"ଦରଶନ ଦିଅ ସତୀ ! ରାତି ପାହିଲା ।" ୧ ।

ଅରୁଣ କଷାୟ ବାସ,    କୁସୁମ କାନ୍ତି ବିକାଶ,
ପ୍ରଶାନ୍ତ-ରୂପ, ବିଶ୍ୱାସ ଦିଅନ୍ତି ମନେ,
କେଉଁ ଯୋଗେଶ୍ୱରୀ ଆସି    ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି ଉପଶମନେ
"ଦେବା ପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ ।" ୨ ।

ସମୀର ସଙ୍ଗୀତ ଗାଏ    ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,
କୁମ୍ଭାଟୁଆ ହୋଇ ଭାଟ    ଆରମ୍ଭିଲା ସ୍ତବପାଠ
କଳିଙ୍ଗ ଅଇଲା ପାଟମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ-ରାଜ୍ୟ-ରାଣୀ, ରାତି ପାହିଲା" । ୩ ।

ମୁନି ମୁଖ-ବେଦ ସ୍ୱନ    ପୂର୍ଣ୍ଣକଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁ କାର,
ବୈକୁଣ୍ଠେ ଦେଇ ତୃପତି    ଅନନ୍ତ ଶ୍ରୁତିକି ଗତି
ବହିଲା କି ସରସ୍ୱତୀ ବୀଣା ଝଙ୍କାର;
ବେଳୁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ରବଳେ ଯେହ୍ନେ ବଢ଼ିଆସିଲା ବଳ । ୪ ।

ଏକାଳେ ବ୍ରହ୍ମଚାରିଣୀ    ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ, "ଉଠ ବୈଦେହୀ !    ଉଷା ସୁକୁମାରଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅନାଇ
କୋଳ କରି ଥରେ ସୁଖ ଲଭିବା ପାଇଁ " । ୫ ।

ପଦ୍ମିନୀ-ହୃଦ-ଶିଶିର-    ବିନ୍ଦୁରେ ଖର ରଶ୍ମିର
ପ୍ରତିବିମ୍ବ ପରି ବୀର ରାମମୂରତି,
ଶୋକ-ଜର୍ଜରିତ ଚିତ୍ତ-    ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ;
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ । ୬ ।

ବୋଇଲେ ତାକୁ ପ୍ରଶଂସି    "ତୁମେ ତିମିର-ବିଧ୍ୱଂସି
ରବି ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ    କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ୍ର ସଉରଭ ରସିକେ,
ଶୁଭ ସମ୍ପାଦିନୀ ହୁଅ ରଘୁବଂଶିକେ । ୭ ।

ଉତ୍ସୁକ ହୃଦୟେ ରାଜ୍ଞି    ଶେଷରେ ଆଶ୍ରମଧାତ୍ରୀ
ତମସା ନିର୍ମଳଗାତ୍ରୀ ପବିତ୍ରଧାରା
ପ୍ରାଙ୍ଗଣେ କୁସୁମ ବିଞ୍ଚି    ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତି ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ । ୮ ।

ଉଟଜ ତାପସ କନ୍ୟା-    ଗଣଙ୍କ ଆଦର ବନ୍ୟା
ପ୍ଲାବନେ ଜଗତ ଧନ୍ୟା ସତୀ-ରତନ
ବାହାରି ଅବଗାହନେ    ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ,
ସତୀଙ୍କ ତମସା ଅଙ୍କରେ
ଯେହ୍ନେ ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ । ୯ ।

ଅମୃତମଧୁର ସ୍ୱରେ    ଭାଷିଲା ପରିତୋଷରେ,
"ମାଆ ଗୋ, ମୋ ମାନସରେ ନଥିଲା ଆଶା,
କରିବ ଅଙ୍କେ ବିହାର    ରାଜଲକ୍ଷ୍ମୀ-ହୃଦହାର
ସୀତା କରି ପରିହାର ଭୋଗ-ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।" ୧୦ ।

ବନେ ବନେ ଭ୍ରମି ଭ୍ରମି    ଗଣ୍ଡକୁଦ୍ରକେ ନ ଭ୍ରମି
ବହୁ ବାଧା ଅତିକ୍ରମ ସ୍ୱଚ୍ଛ ଜୀବନେ,
ଅନ୍ଧାର ଦୁଃଖ ନ ଗଣି    ଆଲୋକ ସୁଖ ନ ମଣି
ଚାଲିଛି ଦୂର ସରଣୀ ନତ ବଦନେ,
ଜନମ କରୁଛି ସଫଳ
ତୋୟଦାନେ ତୋଷି ତୀରବାସୀ-ସକଳ । ୧୧ ।

ମନ୍ଦାକିନୀ, ଗୋଦାବରୀ    ସେସବୁ ଗୁଣେ ମୋ' ସରି
ତଥାପି ବର୍ଦ୍ଧନ କରିଛନ୍ତି ଗୌରବ
ଲଭି ତା' ପବିତ୍ର ପଦ-    ଚିହ୍ନ ଅକ୍ଷୟ ସମ୍ପଦ
ତ୍ରିବିଷଦ-ପଦ-ପ୍ରଦ ଅଙ୍ଗସୌରଭ,
ତାହା ଥିଲା ମୋର ବାଞ୍ଛିତ,
ତଦଭାବେ ହେଉଥିଲି ମନେ ଲାଞ୍ଛିତ । ୧୨ ।

କରିଥିଲି ଶୁଭ କର୍ମ ବୋଲି ଆଣିଦେଲା ଧର୍ମ
ସମୟେ ତୋତେ ମୋ ମର୍ମବାସନା ଜାଣି,
ପାଇଛି ଦୁର୍ଲଭ ଧନ କରିବି ତୃପ୍ତି ସାଧନ
ନିତି କରି ସମ୍ବୋଧନ କୋଳକୁ ଆଣି,
ଅଙ୍ଗ-ପରିମଳ ତୋହର
ହେବ ମୋର ଜୀବନର କଳୁଷ-ହର । ୧୩ ।
ମୋ କୋଳ-କେଳି ଚପଳ ସାରସ ମରାଳଦଳ
କୋକ ଯୁଗଳ ଯୁଗଳ ବକ ପଙ୍କିତ
ତୋ ପୁଣ୍ୟମୟ ଶରୀର- କ୍ଷାଳନେ ପୂତ ମୋ’ ନୀର-
ପାନେ ବଞ୍ଚିଥିବେ ଚିରଦିନ ମୋ କତି,
କଳନାଦଛଳେ ତୋ ଯଶଃ
ଗାଇ ମୋ ଶ୍ରୁତିକି ତୋଷୁଥିବେ ଅଜସ୍ର । ୧୪ ।
ପତିବ୍ରତା-ଅଙ୍ଗେ ଲାଗି ପବିତ୍ର ହେବାର ଲାଗି
ବ୍ରତତୀ-ବାସ-ବିରାଗୀ ପ୍ରସୂନମାନ,
ଦୂରୁଁ ଦୂରୁଁ ହସି ହସି ଧାଇଁଥିବେ ଭାସି ଭାସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନ ;
ସ୍ନାନସମୟେ ମୋ ପୟରେ
ଦୟାମୟି ! ନ ପେଲିବୁ ତାଙ୍କୁ ପୟରେ । ୧୫ ।
ମୋ କୂଳେ ଚାଳି ଚରଣ କରିବୁ ମା ବିଚରଣ
ବ୍ୟପଦେଶେ ବିତରିଣ ଅମର କାନ୍ତି,
ତା ଲଭି ବନ ପାଦପ- ରାଜି ହୋଇ ଦପ ଦପ
ବହିବେ ଅମର-ଦର୍ପ ବିହିବେ ଶାନ୍ତି
ପଲ୍ଲବେ ପାଟଳ ଶ୍ୟାମଳ,
ରୁଚିର ରୁଚି ରହିବ ଚିର ନିର୍ମଳ” । ୧୬ ।
ସୀତା ବୋଇଲେ, “ପନୀର- ମଧୁର ଏ ସ୍ୱଚ୍ଛ ନୀର
ନୀର ନୁହେଁ, ଜନନୀର କ୍ଷୀର ପ୍ରତ୍ୟକ୍ଷେ,
ଗିରି-ସ୍ତନୁ ବିନିଃସୃତ ହୋଇ ଆସୁଛି ଅମୃତ
ଧାରା ପରି ସୀତା ମୃତକଳପା ଲକ୍ଷେ,
ଓହୋ, ତୁ ତ ମୋ’ ମା’ ଏ ଦେଶେ,
ମା’ ଦୁଃଖେ ବିଦୀର୍ଣ୍ଣ-ବକ୍ଷା ତମସା ବେଶେ । ୧୭ ।
ଛେଦ ଭେଦିଅଛି ପୃଷ୍ଠ ସେ ପାଖ ହେଉଛି ଦୃଷ୍ଟ
ତଥାପି ସୁତାକୁ ତୁଷ୍ଟ କରିବା ପାଇଁ
ଫିଟାଇ ସ୍ନେହ-ଲୋଚନ ପ୍ରୀତି-ମଧୁର-ବଚନ
ବିନ୍ୟାସେ ଚାଟୁ ରଚନ କରୁ ଗେହ୍ଲାଇ,
ଧନ୍ୟ ଧନ୍ୟ ମା ତୋ ହୃଦୟ,
ମୋ ଦୁଃଖ-ଆତପ ପାଇଁ ବାଲୁକାମୟ । ୧୮ ।
ରାମ-ସାମ୍ରାଜ୍ୟେ ଯେ ସୀତା ଲୋକଲୋଚନେ ଦୂଷିତା
ହୋଇ ଚିର ନିର୍ବାସିତା ସେ ତୋର ମତେ
ନିଜ ପତିବ୍ରତା ଧର୍ମ- ବଳେ ସ୍ଥାବର ଜଙ୍ଗମ
ପବିତ୍ରକରଣେ କ୍ଷମ ହେବ ଜଗତେ ;
ମାତା ବୁଝେ ସୁତା-ବେଦନା,
ମାତାନେତ୍ରେ ଦଗ୍ଧ-ମୁଖୀ ଚନ୍ଦ୍ରବଦନା । ୧୯ ।
ତୋ ତୀର ଚିର ଆଶ୍ରୟ ହେଲାଣି ମୋର ନିଶ୍ଚୟ;
ଭରସା ତୋ’ ଶାନ୍ତିମୟ ପଦକମଳେ;
ଶୂନ୍ୟ ଯାର ଚରାଚର ଜନନୀ କୋଳ ମାତର
ତାର ଆଦର-ଆକର ମହୀମଣ୍ଡଳେ ;
“ଜନନୀ ଯା ରତ୍ନଗରଭା,
କାହିଁକି ସେ ଅନ୍ୟ ସ୍ଥାନ ଲୋଡ଼ିବ ଅବା ।” ୨୦ ।
ସୁଶୀତଳ ସୁନିର୍ମଳ ପବିତ୍ର ତମସା-ଜଳ
ତଥା ସ୍ୱଭାବ ସକଳ ମୁନିସୁତାଙ୍କ,
ସ୍ନେହେ ତମସା ଚଞ୍ଚଳ କରି ପ୍ରତିବିମ୍ବ ଛଳ
ହୋଇଗଲେ ଅବିକଳ ସ୍ୱରୂପ ତାଙ୍କ,
ଆଲିଙ୍ଗନେ ତାଙ୍କ ବିଗ୍ରହେ
ବିଗ୍ରହ ମିଶାଇଦେଲେ ଶୀଘ୍ର ସଂଗ୍ରହେ । ୨୧ ।
ସତତ ସୀତା ସକାଶ ରହି ଚାହିଁବା ସକାଶ
ପାଇଁ ଶୁଭ ଅବକାଶ ଏହି ଉପାୟେ;
ହୋଇ ବହୁ ନେତ୍ରବତୀ ବହୁ ହୃଦ ବହୁ ମତି
ଲାଭ କଲା ବୁଦ୍ଧିମତୀ, ଅନେକ କାୟେ,
ସମଧର୍ମ ସମଗୁଣରେ
ମିଶି ମନ ତୋଷ ଲଭେ ବହୁ ଗୁଣରେ । ୨୨ ।
ସମସ୍ତେ ଅବଗାହନ ବଢ଼ାଇ ପ୍ରତ୍ୟାଗମନ
କରି ବାଲ୍ମୀକି-ଚରଣ କଲେ ବନ୍ଦନା,
ଆଶିଷେ ମୁନି-ପୁଙ୍ଗବ ବୋଇଲେ, “ଜ୍ଞାନ ବିଭବ-
ଅର୍ଜନେ ସୁସିଦ୍ଧି ଲାଭ କରି ସାଧନ”,
ବିଶେଷେ ସୀତାଙ୍କୁ ସାଦରେ
ବୋଇଲେ “ବୀରସୂ ହୁଅ ଅପ୍ରମାଦରେ । ୨୩ ।
ନନ୍ଦିନି ! ତୁ ଏ ଆଶ୍ରମ- ପାଦପଙ୍କୁ ସ୍ନେହ-ଶ୍ରମ
ପ୍ରୟୋଗେ ନନ୍ଦନୋପମ କର ଯତନ,
ସେ ଭାବେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ
ଭବେ କେମନ୍ତ ଦୁର୍ଲଭ ସୁତ-ରତନ
“ଅନୁକମ୍ପା ଥିବେ ନିୟତ,
ସକଳ ଅଭାବ ତୋର ମୋଚନେ ରତ ।” ୨୪ ।

ମୁନୀନ୍ଦ୍ର-ଆଦେଶମତେ ତହୁଁ ଚଳିଲେ ସମସ୍ତେ
କମଳ-କୋମଳ ହସ୍ତେ କଳସୀ ଧରି,
କନ୍ୟାମଣ୍ଡଳେ ଜନକ- ସୁତା–କାନ୍ତି ଜକ ଜକ
ସ୍ଫଟିକ ମଧ୍ୟେ ହୀରକ-ପ୍ରତିଭା ପରି,
ଉପବନେ କଲେ ଗମନ,
ବଢ଼ାଇଲା ବନ-ଶୋଭା ପାଇ ସେ ଧନ । ୨୫ ।
ବନ-ଲକ୍ଷ୍ମୀ ଦ୍ୱାରେ ସୀତା ରାଜନ୍ତେ ସେ ଉଲ୍ଲସିତା
ମତିରେ ହୋଇ ଭୂଷିତା ରବି-କିରଣେ,
ହାସ-ପଲ୍ଲବ ଅଧରେ ମଞ୍ଜୁ ମଧୁକ ରୂପରେ
ମଣ୍ଡି ଲାଗିଲା ଆଦରେ ଚିତ୍ତ ହରଣେ
ଅର୍ଘ୍ୟ ଦେଇ ରଙ୍ଗ ଶାଳ୍ମଳୀ,
ପାଦ୍ୟ ଦେଲା ଦୂର୍ବାଦଳ-ହିମ-ପଟଳୀ । ୨୬ ।
ସ୍ଥଳକମଳ ଆସନ ଦେଇ ପ୍ରୀତି ସମ୍ଭାଷଣ
କଲା, ଶାରିକା-ଭାଷଣ ଛଳେ ମଧୁରେ;
ଶାରଦ ସରସୀ ଜଳ ଫୁଟାଇ ନବକମଳ
ଅଳିସ୍ୱନେ ଯଥା କଳହଂସ-ବଧୂରେ;
ବୋଇଲା, “ପାହିଲା ସଜନି,
ତୋ ପଦ-ଅରୁଣେ ମୋର ଖେଦ ରଜନୀ । ୨୭ ।
ତୋତେ ମୁଁ ଭାଗ୍ୟବଶତଃ ଲଭି ନଭପୁଷ୍ପ ସତ
କରି ଅସୀମ ଉଷତ ଅନ୍ତଃକରଣେ,
ଚିତ୍ରକୂଟ ଉପତ୍ୟକା ସିଦ୍ଧ-ସେବିତ ଦଣ୍ଡକା
ପାରାବାରପାର ଲଙ୍କା-ଅଶୋକାରଣ୍ୟେ,
ଆଗେ ଥୋଇ ତୋତେ ଆଦର୍ଶ
ଗଢ଼ିଲି ପ୍ରୀତି-ପ୍ରତିମା ଚଉଦ ବର୍ଷ । ୨୮ ।
ଯେତେବେଳେ ପୁଷ୍ପକରେ ବାହୁଡ଼ିଗଲୁ ପୁଷ୍କରେ
ଉଭା ହୋଇ ପୁଷ୍ପକରେ ମୃଗନୟନେ,
ଊର୍ଦ୍ଧ୍ୱେ ଚାହିଁ ବିଷାଦରେ ତୋତେ ମୟୂରୀନାଦରେ
ଡାକୁ ଯେ ଥିଲି ସାଦରେ ଦୀର୍ଘ ଅୟନେ;
ସଖୀକଥା ସ୍ମରି ମନରେ
ଆସିଲୁ କି ସଖି ! ଆଜି ଏତେ ଦିନରେ । ୨୯ ।
ଦୀର୍ଘ ବିରହ ବିଶେଷ ସହି ! ମୁଁ ନ ସହି ଶେଷ-
ଚିନ୍ତାରେ ତାପସୀବେଶ କରି ଧାରଣ,
ତୋ ହୃଦୟ ଆଦରଣେ ପ୍ରତିବିମ୍ବି ସ୍ନେହରସେ
ମଜ୍ଜାଇ ତୋତେ ହରଷେ କଲି ବରଣ;
ଧନ୍ୟବାଦ କର ଗ୍ରହଣ,
ଶ୍ରଦ୍ଧା ସହ କଲୁ ଯା’ ମୋ’ ବାଞ୍ଛା ପୂରଣ । ୩୦ ।
ପାଇଥିଲେ ସାଧୁସଙ୍ଗ ସଦ୍ଭାବ ଚିର ଅଭଙ୍ଗ
ରହେ, ସ୍ଥିର ନୀଳରଙ୍ଗ ଯଥା ଗଗନେ,
ସାଧୁ ମିତ୍ରେ ମନୋରଥ କଦାଚ ନ ହୁଏ ବ୍ୟର୍ଥ
ତେଣୁ ମୁଁ ହେଲି ସମର୍ଥ ତୋର ଦର୍ଶନେ;
ଭାଗ୍ୟେ ଥିଲେ ହୁଏ ଏ ଲାଭ,
ଭାଗ୍ୟବତୀ କଲା ସଖି ! ମୋତେ ତୋ ଭାବ । ୩୧ ।
ବନଶ୍ରୀ ମଧୁ ମୋହନ ସୀତା-ହୃଦୟ ଗହନ
ବିରହ-ଦାବ-ଦହନ ଶାନ୍ତିକରଣେ,
ନବୀନ ଉଦୀୟମାନ ଘନ-ପଟଳ ସମାନ
ମାନସେ ପ୍ରତୀୟମାନ ହେଲା ସେ କ୍ଷଣେ;
ବୋଇଲେ ଜନକନନ୍ଦିନୀ,
“ଆଜୀବନ ହେଲି ତୋର କାରା-ବନ୍ଦିନୀ ।” ୩୨ ।

– – –